# NATIONAL NEWS BULLETIN (ODIA)

**25 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦକ୍ଷତା ବିକାଶ, ବୈଷୟିକ ଜ୍ଞାନକୌଶଳ, ଉଦ୍ଭାବନ ଏବଂ ଭିତ୍ତିଭୂମି ବିକାଶ ବିଭିନ୍ନ କ୍ଷେତ୍ରରେ ଭାରତର ଅଗ୍ରଗତିର ମୂଳ ତତ୍ତ୍ୱ, କହିଲେ ପ୍ରଧାନମନ୍ତ୍ରୀ

- ସାମୁଦ୍ରିକ ଝଡ଼ 'ଦାନା'ର ମୁକାବିଲାରେ ସଂପୂର୍ଣ୍ଣ ସଫଳତା ହାସଲ ହୋଇଛି, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସୂଚନା

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଅଜିତ ପାଓ୍ୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ।

- ଜଳବାୟୁ ପରିବର୍ତ୍ତନ ନେଇ ପ୍ୟାରିସ୍ ଚୁକ୍ତି ଉପରେ କାର୍ଯ୍ୟ କରିବାକୁ ଜି-୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଲେ ଅର୍ଥମନ୍ତ୍ରୀ ।

ଏବଂ

- ଦ୍ୱିତୀୟ ଟେଷ୍ଟମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡର ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ।

# ଜର୍ମାନ ଚାନ୍ସେଲର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦକ୍ଷତା ବିକାଶ, ବୈଷୟିକ ଜ୍ଞାନକୌଶଳ, ଉଦ୍ଭାବନ ଏବଂ ଭିତ୍ତିଭୂମି ବିକାଶ ବିଭିନ୍ନ କ୍ଷେତ୍ରରେ ଭାରତର ଅଗ୍ରଗତିର ମୂଳ ତତ୍ତ୍ୱ । ଗଣତନ୍ତ୍ର, ଜନସଂଖ୍ୟା, ଆବଶ୍ୟକତା ଏବଂ ତଥ୍ୟ ଭଳି ୪ଟି ଶକ୍ତିଶାଳୀ ସ୍ତମ୍ଭ ଉପରେ ଭାରତ ନିର୍ଭର କରୁଛି । ନୂଆଦିଲ୍ଲୀରେ ଜର୍ମାନ୍ ବ୍ୟବସାୟର ଅଷ୍ଟାଦଶ ଏସୀୟ ପ୍ୟାସିଫିକ୍ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଭାରତ ବିବିଧତା ଏବଂ ସମସ୍ୟାମୁକ୍ତ ସବୁଠାରୁ କେନ୍ଦ୍ର ଭାବେ ଉଭା ହୋଇଛି । ବିଶ୍ୱର ଭବିଷ୍ୟତ ପାଇଁ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ଏବଂ ଜର୍ମାନୀ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ସୁଦୃଢ଼ ହେଉଛି । ଦୁଇଦେଶ ରଣନୈତିକ ଭାଗିଦାରୀର ୨୫ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି ।

କୁଶଳୀ ଭାରତୀୟ ପେଶାଦାରଙ୍କ ପାଇଁ ବାର୍ଷିକ ଭିସା କୋଟାକୁ ୨୦ ହଜାରରୁ ୯୦ ହଜାରକୁ ବୃଦ୍ଧି କରିବାକୁ ଜର୍ମାନୀ ନିଷ୍ପତ୍ତି ନେଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଜର୍ମାନୀରେ କୁଶଳୀ ଭାରତୀୟ ପେଶାଦାରଙ୍କ ଚାହିଦା ଏବଂ ଦୁଇଦେଶ ମଧ୍ୟରେ ଅର୍ଥନୈତିକ ସହଯୋଗକୁ ସୁଦୃଢ଼ କରିବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ । ଏହାଦ୍ୱାରା ଭାରତୀୟ କୁଶଳୀ ପେଶାଦାରଙ୍କତ ପାଇଁ ଜର୍ମାନିରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଜର୍ମାନ୍ ଚାନ୍ସେଲର ଓଲାଫ୍ ସୋଲ୍‌ଜ କହିଛନ୍ତି ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତ ଏବେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ କ୍ଷେତ୍ର ଭାବେ ଉଭା ହୋଇଛି । ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଉପରେ ଶ୍ରୀ ସୋଲ୍‌ଜ ଗୁରୁତ୍ୱାରୋପ କରିଛନ୍ତି ।

ସୂଚନାଯୋଗ୍ୟ ଜର୍ମାନ ଚାନ୍‌ସେଲର ଓଲାଫ୍ ସୋଲ୍‌ଜ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ନୂଆଦିଲ୍ଲୀସ୍ଥିତ ବାସଭବନରେ ସାକ୍ଷାତ ଆଲୋଚନା କରିଥିଲେ । ୩ ଦିନିଆ ଭାରତ ଗସ୍ତରେ ଆସି ଜର୍ମାନ ଚାନ୍‌ସେଲର ଶ୍ରୀ ସୋଲ୍‌ଜ ଗତ ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।

---

## ବାତ୍ୟା-ସମୀକ୍ଷା

ସାମୁଦ୍ରିକ ଝଡ଼ 'ଦାନା' ଓଡ଼ିଶା ଉପକୂଳର ଭିତରକନିକା ଜାତୀୟ ଉଦ୍ୟାନ ଏବଂ ଧାମରା ମଧ୍ୟରେ ଗତ ମଧ୍ୟରାତ୍ରିରେ ସ୍ଥଳଭାଗ ସ୍ପର୍ଶ କରିଥିଲା । ଏହାର ପ୍ରଭାବରେ ଉପକୂଳ ଅଞ୍ଚଳରେ ପବନ ସହ ପ୍ରବଳ ବର୍ଷା ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ୱତନ୍ତ୍ର ରିଲିଫ୍ କମିଶନର କାର୍ଯ୍ୟାଳୟରେ ବାତ୍ୟା ପରିବର୍ତ୍ତି ସ୍ଥିତି ନେଇ ସମୀକ୍ଷା କରିଛନ୍ତି ।

ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ବାତ୍ୟା ମୁକାବିଲାରେ ସଂପୂର୍ଣ୍ଣ ସଫଳତା ହାସଲ କରିବା ସହ 'ଜିରୋ କାଜୁଆଲ୍‌ଟି' ଲକ୍ଷ୍ୟ ହାସଲ କରିଛନ୍ତି । ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ସେ କହିଛନ୍ତି ପ୍ରଭାବିତ ଅଞ୍ଚଳରେ ଆଜି ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବ । ରେଳ ଚଳାଚଳ ଆରମ୍ଭ ହୋଇଛି ।

ସେହିପରି ବିମାନ ଚଳାଚଳ ମଧ୍ୟ ପୂର୍ବାହ୍ନ ୯ଟାରୁ ସ୍ୱାଭାବିକ ହୋଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାତ୍ୟା 'ଦାନା'ର ପ୍ରଭାବ ହ୍ରାସ ପାଇବା ପରେ ଲୋକମାନେ ଆଶ୍ରୟ ସ୍ଥଳୀରୁ ନିଜ ନିଜ ଘରକୁ ଫେରିବା ଆରମ୍ଭ

କଲେଣି । ଏହି ବାତ୍ୟା କ୍ରମଶଃ ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହେବା ସହ ଉତ୍ତର ଓଡ଼ିଶା ଅତିକ୍ରମ କରିବ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି ।

## ମହାରାଷ୍ଟ୍ର ନିର୍ବାଚନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି-ଏନ୍‌ସିପି ତା’ର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏଥିରେ ୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି । ସ୍ୱର୍ଗତ ବାବା ସିଦ୍ଦିକଙ୍କ ପୁଅ ଜିଶାନ୍ ସିଦ୍ଦିକ ପୂର୍ବ ବାନ୍ଦ୍ରା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିବେ । ଲୋହାରୁ ପୂର୍ବତନ ସାଂସଦ ପ୍ରତାପ ରାଓ ଚିଖିଲ୍‌କର, ଅନୁଶକ୍ତିନଗର ଆସନରୁ ସାନା ମଲ୍ଲିକ, ତସ୍କଗାଓଁ କାଭାଥେ ମହାନ୍‌କାଲ୍ ଆସନରୁ ସଂଜୟ କାକା ପାଟିଲ, ଇସ୍‌ଲାମପୁରରୁ ନିଶିକାନ୍ତ ପାଟିଲ ଏବଂ ପୁଣେର ୱାଦ୍‌ଗାଓଁସେରୀ ଆସନରୁ ସୁନୀଲ ତିନ୍‌ଗ୍ରେ, ଶ୍ରୀରୁରୁ ଆସନରୁ ଦାନେଶ୍ୱର କଟ୍‌କେ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବେ । ୨୮୮ ବିଧାନସଭା ଆସନ ପାଇଁ ଆସନ୍ତା ମାସ ୨୦ ତାରିଖରେ ମତ ଗ୍ରହଣ ସହ ୨୩ ତାରିଖରେ ଭୋଟ୍ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ୫୫୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

# ଝାଡ଼ଖଣ୍ଡ ଇସି

ଝାଡ଼ଖଣ୍ଡ ବିଧାନସଭା ପାଇଁ ଆସନ୍ତାମାସ ୧୩ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଗ୍ରହଣ ପରିପ୍ରେକ୍ଷୀରେ ଆଜିଠାରୁ ଭୋଟର ସ୍ଲିପ୍ ବଣ୍ଟନ ଆରମ୍ଭ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ମତଦାନ ପାଇଁ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ସ୍ଲିପ୍ ବଣ୍ଟନ କାର୍ଯ୍ୟ ଜାରି ରହିବ । ଏହି ସମୟ ମଧ୍ୟରେ ସମସ୍ତ ଭୋଟରଙ୍କୁ ସ୍ଲିପ୍ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସେ କହିଛନ୍ତି ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜନୈତିକ ଦଳଗୁଡ଼ିକ ଭୋଟର ସ୍ଲିପ୍ ବଣ୍ଟନରେ ସହଯୋଗ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ କୁମାର ଅନୁରୋଧ କରିଛନ୍ତି ।

---

# ଅର୍ଥମନ୍ତ୍ରୀ ଜି-୨୦ ସମ୍ମିଳନୀ

ଜଳବାୟୁ ପରିବର୍ତ୍ତନ ନେଇ ପ୍ୟାରିସ୍ ଚୁକ୍ତି ଉପରେ ବିକଶିତ ଏବଂ ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ କାର୍ଯ୍ୟ କରିବା ଉପରେ ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁତ୍ୱ ଦେଇଛନ୍ତି । ୱାଶିଂଟନ୍ ଡିସି ଠାରେ ଅନୁଷ୍ଠିତ ବାର୍ଷିକ ଜି-୨୦ ଯୁଗ୍ମ ବୈଠକରେ ଯୋଗଦେଇ ଅର୍ଥମନ୍ତ୍ରୀ କହିଛନ୍ତି ବିକାଶମୂଳକ ପ୍ରାଥମିକତା ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ଉଚିତ । ଏ କ୍ଷେତ୍ରରେ ବିକାଶଶୀଳ ଏବଂ ବିକାଶୋନ୍ମୁଖୀ ଦେଶଗୁଡ଼ିକ ସମ୍ମିଳିତ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଆର୍ଥିକ ସହାୟତା ପ୍ରଦାନ କ୍ଷେତ୍ରରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ରଖୁଥିବା ସର୍ତ୍ତାବଳୀକୁ କୋହଳ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ

କରିଛନ୍ତି । ଏହାଦ୍ୱାରା ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ସାମୂହିକ ଲକ୍ଷ୍ୟ ପ୍ରସ୍ତୁତ କରିପାରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଏହି ବୈଠକରେ  ଜି-୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅର୍ଥ, ଜଳବାୟୁ ଓ ପରିବେଶ, ବୈଦେଶିକ ବ୍ୟାପାର ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣରମାନେ ଯୋଗ ଦେଇଛନ୍ତି ।

---

## ସିଜିଆଇ ଇଣ୍ଟରଭ୍ୟୁ

ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ କହିଛନ୍ତି, ଗତ ୭୫ ବର୍ଷ ମଧ୍ୟରେ ସୁପ୍ରିମ୍‌କୋର୍ଟ ଏକ ଜନଅଦାଲତରେ ପରିଣତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ ଲୋକଙ୍କ ପାଇଁ ଏକ ଅଦାଲତ ଭାବରେ କାର୍ଯ୍ୟ କରୁଥିବା ଅନନ୍ୟ ଦୃଷ୍ଟିକୋଣକୁ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଅନୁକରଣ କରାଯାଇ ନାହିଁ ବୋଲି ସେ କହିଛନ୍ତି।

ସୁପ୍ରିମ୍‌କୋର୍ଟର ୭୫ତମ ବାର୍ଷିକୀ ଅବସରରେ ଆକାଶବାଣୀ ସମାଚାରକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ପ୍ରଧାନ ବିଚାରପତି ବିଭିନ୍ନ ପ୍ରସଙ୍ଗରେ ନିଜର ମତ ରଖିଛନ୍ତି। ସେ ଅଲ୍ ଇଣ୍ଡିଆ ରେଡିଓରେ ଉପସ୍ଥାପକ ଭାବରେ ତାଙ୍କ ଦିନଗୁଡ଼ିକୁ ସ୍ମରଣ କରିଥିଲେ ।

ଏହି ସାକ୍ଷାତକାର ଆଜି ରାତି ସାଢ଼େ ୯ଟାରେ ୧୦୦.୧ ଆକାଶବାଣୀ ଗୋଲ୍ଡ ଓ ଅତିରିକ୍ତ ଫ୍ରିକ୍ୱେନ୍ସିରେ ପ୍ରସାରିତ ହେବ। ଏହା ଆମର ଆପ୍ ନ୍ୟୁଜ୍ ଅନ୍ ଏଆଇଆର, ୱେବସାଇଟ୍ ଭରଙ୍ଗଖ୍ୱକ୍ଟଭବସକ୍ସ.ଶକ୍ଟଙ୍ଗ.ସଭ ଏବଂ ଆମର ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରେ ମଧ୍ୟ ଉପଲବ୍ଧ ହେବ ।

---

# ଝାଡ଼ଖଣ୍ଡ ଇସି

ଝାଡ଼ଖଣ୍ଡ ବିଧାନସଭା ପାଇଁ ଆସନ୍ତାମାସ ୧୩ ତାରିଖରେ  ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଗ୍ରହଣ ପରିପ୍ରେକ୍ଷୀରେ ଆଜିଠାରୁ ଭୋଟର ସ୍ଲିପ୍ ବଣ୍ଟନ ଆରମ୍ଭ ହୋଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ମତଦାନ ପାଇଁ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ସ୍ଲିପ୍ ବଣ୍ଟନ କାର୍ଯ୍ୟ ଜାରି ରହିବ । ଏହି ସମୟ ମଧ୍ୟରେ ସମସ୍ତ ଭୋଟରଙ୍କୁ ସ୍ଲିପ୍ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସେ କହିଛନ୍ତି ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜନୈତିକ ଦଳଗୁଡ଼ିକ ଭୋଟର ସ୍ଲିପ୍ ବଣ୍ଟନରେ ସହଯୋଗ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ କୁମାର ଅନୁରୋଧ କରିଛନ୍ତି ।

---

# ଲେବାନନ ମାନବିକ ସହାୟତା

ଲେବାନନରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ନୁର୍ ରହେମାନ୍ ଶେଖ୍ ଗତକାଲି ଲେବାନନକୁ ଭାରତର ମାନବିକ ସହାୟତାର ପ୍ରଥମ ପର୍ଯ୍ୟାୟ ସାମଗ୍ରୀ ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଭାରତୀୟ ଦୂତାବାସ କହିଛି ଲେବାନନ ସହ ସଂପର୍କକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଏହା ଦର୍ଶାଉଛି । ସେହି ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ମାନବୀୟ ସହାୟତାର ଅଂଶସ୍ୱରୂପ ଭାରତ  ଗତ ୧୮ ତାରିଖରେ ୧୧ ଟନ୍ ଚିକିତ୍ସା ସାମଗ୍ରୀ ପଠାଇଥିଲା । ସମୁଦାୟ ୩୩ ଟନ୍ ଚିକିତ୍ସା ସାମଗ୍ରୀ ଲେବାନନ୍‌କୁ ପଠାଯିବ ।

ବୈଦେଶିକ ମନ୍ତ୍ରଣାଳୟ କହିଛି ଏହି ଆହ୍ୱାନପୂର୍ଣ୍ଣ ସମୟରେ ଭାରତ ଲେବାନନ୍ ସହ ଛିଡ଼ା ହୋଇଛି ।

## ଜେକେ ସର୍ଚ୍ଚ ଅପରେସନ

ଜାମ୍ମୁ କାଶ୍ମୀରର ଶାମ୍ବା ଜିଲ୍ଲା ଅନ୍ତର୍ଗତ ସୀମାନ୍ତ ଅଞ୍ଚଳରେ ସୀମା ସୁରକ୍ଷା ବଳ ଏବଂ ପୋଲିସ୍ ମିଳିତ ଭାବେ ତଲାସୀ ଅଭିଯାନ ଜାରି ରଖିଛନ୍ତି । ସନ୍ଦେହଜନକ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି । କାଶ୍ମୀର ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସୁରକ୍ଷାବାହିନୀ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ରାମଗଡ଼ ସେକ୍ଟରର ସୀମାନ୍ତ ଅଞ୍ଚଳ ଏବଂ ଆନ୍ତର୍ଜାତିକ ସୀମାବର୍ତ୍ତୀ ଜଙ୍ଗଲ ଅଞ୍ଚଳ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ତଲାସି ଅଭିଯାନ ଜୋରଦାର କରାଯାଇଛି । ଶାମ୍ବା ଜିଲ୍ଲାର ଆନ୍ତର୍ଜାତିକ ସୀମାର ଦୁଇକିଲୋମିଟର ମଧ୍ୟରେ କୌଣସି ପ୍ରକାର ବାଣ ବିକ୍ରି କିମ୍ବା ବ୍ୟବହାର ଉପରେ ଜିଲ୍ଲାପାଳ ନିଷେଧାଦେଶ ଜାରି କରିଥିବା ସୂଚନା ମିଳିଛି ।

## ଓ୍ୱିମେନ୍ସ କ୍ରିକେଟ

ମହିଳା କ୍ରିକେଟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତ ୫୯ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଜୟ ପାଇଁ ଆବଶ୍ୟକ ୨୨୮ ରନର ପିଛା କରି ନ୍ୟୁଜିଲାଣ୍ଡ ୪୦ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୬୮ ରନ୍ ସ୍କୋର କରିଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ୪୪ ଓଭର ୩ଟି ବଲ୍‌ରେ୨୨୭ ରନ୍ କରି ଅଲଆଉଟ୍ ହୋଇଯାଇଥିଲା ।

# କ୍ରିକେଟ୍

ପୁଣେର ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଚାଲିଥିବା ଭାରତ-ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ତା’ର ଦ୍ୱିତୀୟ ଇନିଂସରେ ୧ ୱିକେଟ୍ ବିନିମୟରେ ୫୭ ରନ୍ ସଂଗ୍ରହ କରିଛି । ଭାରତର ପ୍ରଥମ ଇନିଂସ ୧୫୬ ରନ୍‌ରେ ସୀମିତ ରହିଥିଲା । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୩୮ ରନ୍ ସଂଗ୍ରହ କରିଥିଲେ । ନ୍ୟୁଜିଲ୍ୟାଣ୍ଡ ତା’ର ପ୍ରଥମ ଇନିଂସରେ ୨୫୯ ରନ୍ ସଂଗ୍ରହ କରିଥିଲା ।